[2009] 1 S.C.R. 1064

ଡି. ସଂମୁଖ ସୁନ୍ଦରମ୍ମା

ବନାମ

ଡି. ସୁନିତା ଏବଂ ଅନ୍ୟମାନେ

(ଦେୱାନୀ ଅପିଲ ସଂଖ୍ୟା- 818/2009)

ଫେବୃଆରୀ 9, 2009

**[ଡଃ ଅରିଜିତ ପଶାୟତ ଏବଂ ଡଃ ମୁକୁନ୍ଦକମ ଶର୍ମା, ନ୍ୟାୟମୂର୍ତ୍ତିଦ୍ୱୟ]**

*ମୋଟର ଯାନ ଅଧିନିୟମ, 1988 – ଧାରା- 166 - ମୋଟର ଦୁର୍ଘଟଣା ଯୋଗୁଁ ମୃତ୍ୟୁ - କ୍ଷତିପୂରଣ ଦାବି – ନ୍ୟାୟାଧିକରଣ 3.40 ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିଛନ୍ତି ଏବଂ ମୃତକଙ୍କ ସ୍ତ୍ରୀ ଏବଂ ମା'ଙ୍କୁ ସମାନ ଭାବରେ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି - ଉଚ୍ଚ ନ୍ୟାୟାଳୟ ସ୍ତ୍ରୀଙ୍କ ବୟସ ପ୍ରାୟ 20 ବର୍ଷ ନୁହେଁ ବୋଲି ଜାଣିବା ପରେ, ମା'ଙ୍କୁ 50,000/- ଟଙ୍କା ଏବଂ ବାକି ଟଙ୍କା ସ୍ତ୍ରୀଙ୍କୁ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି – ଦର୍ଶାଯାଇଛି: ତଥ୍ୟଗୁଡ଼ିକ ଅନୁଯାୟୀ, ମୃତକଙ୍କ ସ୍ତ୍ରୀ ଏବଂ ମା'ଙ୍କ ବୟସକୁ ବିଚାର କରି, ମାଆଙ୍କୁ 1.25 ଲକ୍ଷ ଟଙ୍କା ଏବଂ ସ୍ତ୍ରୀଙ୍କୁ ବାକି ଟଙ୍କା ପ୍ରଦାନ କରିବା ଉପଯୁକ୍ତ ହେବ ।*

**ଜଣେ ଅଟୋ-ଚାଳକ ଏକ ଯାନବାହନ ଦୁର୍ଘଟଣାରେ ପ୍ରାଣ ହରାଇଲେ ଯେତେବେଳେ ଏକ ଲରି ତାଙ୍କ ଅଟୋରିକ୍ସାକୁ ଧକ୍କା ଦେଲା । ଉତ୍ତରଦାତା ସଂଖ୍ୟା- 1, ମୃତକଙ୍କ ବିଧବା, ମୋଟର ଯାନ ଅଧିନିୟମ, 1988 ର ଧାରା- 166 ଅନୁଯାୟୀ ଦାବି ଆବେଦନ ଦାଖଲ କଲେ । ଦାବି ନ୍ୟାୟାଧିକରଣ ସମ୍ମୁଖରେ, ଅପିଲକାରୀ, ମୃତକଙ୍କ ମା' ମଧ୍ୟ କ୍ଷତିପୂରଣ ପାଇବାକୁ ହକଦାର ବୋଲି ଦାବି କରିଥିଲେ । ଦାବି ନ୍ୟାୟାଧିକରଣ 12% ସୁଧ ସହିତ 3,40,068/- ଟଙ୍କାର କ୍ଷତିପୂରଣ ପ୍ରଦାନ କରିଥିଲେ ଏବଂ ଆହୁରି ନିର୍ଦ୍ଦେଶ ଦେଇଥିଲେ ଯେ, ଏହି ରାଶି ଉତ୍ତରଦାତା ସଂଖ୍ୟା- 1 ଏବଂ ଅପିଲକାରୀଙ୍କୁ ସମାନ ଭାବରେ ପ୍ରଦାନ କରାଯିବ । ଏହି ମାମଲାକୁ ଉତ୍ତରଦାତା ସଂଖ୍ୟା- 1 ଙ୍କ ଦ୍ୱାରା ଅପିଲରେ ଆପତ୍ତି କରାଯାଇଥିଲା । ଉଚ୍ଚ ନ୍ୟାୟାଳୟ ଜାଣିପାରିଲେ ଯେ, ଉତ୍ତରଦାତା ସଂଖ୍ୟା- 1ଙ୍କ ବୟସ ପ୍ରାୟ 20 ବର୍ଷ ନୁହେଁ, ତେଣୁ, 50,000/- ଟଙ୍କା ଅପିଲକାରୀଙ୍କୁ ଏବଂ ବାକି ଟଙ୍କା ଉତ୍ତରଦାତା ସଂଖ୍ୟା- 1ଙ୍କୁ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।**

**ଅପିଲକାରୀ ଅର୍ଥାତ ମୃତକଙ୍କ ମା' କେତେ ପରିମାଣର ହକଦାର ହେବେ ବର୍ତ୍ତମାନର ଅପିଲରେ ଏକମାତ୍ର ପ୍ରସଙ୍ଗ ଥିଲା ।**

**ଆଂଶିକ ଭାବରେ ଅପିଲକୁ ଅନୁମତି ଦେଇ, ଏହି ନ୍ୟାୟାଳୟ**

**ଦର୍ଶାଯାଇଥିଲେ: ମାମଲାର ବିଶିଷ୍ଟ ତଥ୍ୟଗୁଡ଼ିକ, ବିଧବା ଏବଂ ଅପିଲକାରୀଙ୍କ ବୟସକୁ ବିଚାର କରି, ଅପିଲକାରୀଙ୍କୁ ଟଙ୍କା 1,25,000/- (କେବଳ ଏକ ଲକ୍ଷ ପଚିଶ ହଜାର ଟଙ୍କା) ଏବଂ ବାକି ଟଙ୍କା ମୃତକଙ୍କ ବିଧବା ଅର୍ଥାତ ଦାବିଦାର- ପତ୍ନୀଙ୍କୁ ପ୍ରଦାନ କରିବା ଉପଯୁକ୍ତ ହେବ ।**

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା- 818/2009 ।

ଦେୱାନୀ ବିବିଧ ଅପିଲ ସଂଖ୍ୟା- 3622/2000 ରେ ହାଇଦେରାବାଦ ସ୍ଥିତ ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କର ତା22.11.2006ରିଖର ଅନ୍ତିମ ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ୱାଇ.ରାଜା ଗୋପାଳ ରାଓ, ୱାଇ.ରମେଶ ଏବଂ ବି.ଭି.ନିରେନ ।

ଉତ୍ତରଦାତାମାନଙ୍କ ପାଇଁ ରବି ବକ୍ସି ଏବଂ ୱାଇ.ପି.ଢିଙ୍ଗରା ।

ନ୍ୟାୟାଳୟଙ୍କ ରାୟ ପ୍ରଦାନ କରାଯାଇଥିଲା

**ଡଃ ଅରିଜିତ ପଶାୟତ, ନ୍ୟାୟମୂର୍ତ୍ତି**ଙ୍କ ଦ୍ୱାରା । 1. ଅନୁମତି ଦିଆଗଲା ।

2. ଅପିଲକାରୀଙ୍କ ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଲୁ ।

3. ସୂଚନା ସତ୍ତ୍ୱେ ଉତ୍ତରଦାତା ସଂଖ୍ୟା- 1 ଏବଂ 3 ପକ୍ଷରୁ କେହି ହାଜର ହେଉନାହାଁନ୍ତି । ଉତ୍ତରଦାତା ସଂଖ୍ୟା- 2 ମୃତ୍ୟୁବରଣ କରିଛନ୍ତି ।

4. ଏହି ଅପିଲଗୁଡ଼ିକରେ ଆନ୍ଧ୍ରପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କର ଜଣେ ବିଜ୍ଞ ଏକକ ବିଚାରପତିଙ୍କ ଦ୍ୱାରା ଦିଆଯାଇଥିବା ଆଦେଶକୁ ଆପତ୍ତି କରାଯାଇଛି ।

5. ସଂକ୍ଷେପରେ ପୃଷ୍ଠଭୂମି ତଥ୍ୟଗୁଡ଼ିକ ନିମ୍ନଲିଖିତ ଭାବରେ ଦିଆଯାଉଛି :

ଏକ ଯାନବାହନ ଦୁର୍ଘଟଣାରେ 13.11.1994 ରେ ଜଣେ ସୁଧାକର ରାଓ (ଏଠାରେ ପରେ 'ମୃତକ' ବୋଲି କୁହାଯିବ) ପ୍ରାଣ ହରାଇଥିଲେ । ସେ ଜଣେ ଅଟୋ-ଚାଳକ ଥିଲେ ଯିଏ ଅଟୋ ରିକ୍ସା ସଂଖ୍ୟା- ଏପି 26 6164 ଚଳାଉଥିଲେ । ଏଟିସି- 1035 ସଂଖ୍ୟା ବିଶିଷ୍ଟ ଏକ ଲରି ଅଟୋ ରିକ୍ସାକୁ ଧକ୍କା ଦେଇଥିଲା, ଯାହା ଫଳରେ ମୃତକଙ୍କ ମୃତ୍ୟୁ ଘଟିଥିଲା । ଦାବିଦାର ମୋଟର ଯାନ ଅଧିନିୟମ, 1988 ର ଧାରା- 166 ଅଧୀନରେ ଏକ କ୍ଷତିପୂରଣ ଆବେଦନ ଦାଖଲ କରିଥିଲେ। ଉତ୍ତରଦାତା ସଂଖ୍ୟା-1, ଯିଏ ମୃତକଙ୍କ ବିଧବା, କ୍ଷତିପୂରଣ ଭାବରେ 4,00,000/- ଟଙ୍କା ଦାବି କରିଥିଲେ । ଜଣେ ଇ. ଲୋକାନାଥମ ନାଇଡୁ, ଅବୈଧ ଯାନର ମାଲିକ ଥିଲେ । ଦାବି ଆବେଦନରେ, ମାଲିକ ଏବଂ ମେସର୍ସ ୟୁନାଇଟେଡ୍

ଇଣ୍ଡିଆ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ (ଏଠାରେ ପରେ 'ବୀମାକାରୀ' ଭାବରେ ଉଲ୍ଲେଖ କରାଯାଇଛି)ଙ୍କୁ ବର୍ତ୍ତମାନର ଅପିଲକାରୀଙ୍କ ସହିତ ପକ୍ଷ ଭାବରେ ସାମିଲ କରାଯାଇଥିଲା, ଯିଏ ମୃତକଙ୍କ ମା' ଅଟନ୍ତି । କ୍ଷତିପୂରଣ ଆବେଦନରେ ଦର୍ଶାଯାଇଥିଲା ଯେ, ଦାବିଦାର ଏବଂ ବର୍ତ୍ତମାନର ଅପିଲକାରୀ ଉଭୟ କ୍ଷତିପୂରଣ ପାଇବାକୁ ହକଦାର ଅଟନ୍ତି । ଅପିଲକାରୀ ମୋଟର ଦୁର୍ଘଟଣା ଦାବି ନ୍ୟାୟାଧିକରଣ, ତଥା-IVଥ ଅତିରିକ୍ତ ଜିଲ୍ଲା ବିଚାରପତି, ତିରୁପତି (ଏଠାରେ ପରେ 'ଏମ୍.ଏ.ସି.ଟି' ଭାବରେ ଉଲ୍ଲେଖ କରାଯାଇଛି) ସମ୍ମୁଖରେ ଏକ ପାଲଟା ସତ୍ୟପାଠ ଦାଖଲ କରିଥିଲେ ଏବଂ ମତ ଦେଇଥିଲେ ଯେ, ମୃତକଙ୍କ ମୃତ୍ୟୁ ପରେ ଦାବିଦାର ତାଙ୍କୁ ପରିତ୍ୟାଗ କରିଥିଲେ ଏବଂ ତାଙ୍କ କଲ୍ୟାଣର ଯତ୍ନ ନେଉ ନଥିଲେ ଏବଂ ସେଥିପାଇଁ, ସେ ମଧ୍ୟ ଦାବିଦାରଙ୍କ ସହିତ ସମାନ ପରିମାଣରେ କ୍ଷତିପୂରଣ ପାଇବାକୁ ହକଦାର ଥିଲେ । ଏମ୍.ଏ.ସି.ଟି, ଓ.ପି. ସଂଖ୍ୟା-101/1999 ରେ ତା21.8.2000ରିଖରେ ଅଧିନିର୍ଣ୍ଣୟ ଦ୍ୱାରା 12% ସୁଧ ସହିତ 3,40,068/- ଟଙ୍କା କ୍ଷତିପୂରଣ ପ୍ରଦାନ କରିଥିଲା । ଖର୍ଚ୍ଚ ମଧ୍ୟ ପ୍ରଦାନ କରାଯାଇଥିଲା । ଏମ୍.ଏ.ସି.ଟି. ନିର୍ଦ୍ଦେଶ ଦେଇଥିଲା ଯେ, ଦାବିଦାର ଏବଂ ବର୍ତ୍ତମାନର ଅପିଲକାରୀଙ୍କୁ ସମାନ ଭାବରେ ରାଶି ପ୍ରଦାନ କରାଯିବା ଉଚିତ । ଅଧିନିୟମର ଧାରା- 140 ଅଧୀନରେ ପ୍ରଦାନ କରାଯାଇଥିବା ଯେକୌଣସି ପରିମାଣକୁ ଅଧିନିର୍ଣ୍ଣୟ ଆଧାରରେ ପ୍ରଦାନ କରାଯାଇଥିବା ପରିମାଣରୁ ସଜାଡ଼ି ଦିଆଯିବା କଥା । ଦାବିଦାରଙ୍କ ଦ୍ୱାରା ଏହି ମାମଲାକୁ ଅପିଲରେ ଆପତ୍ତି କରାଯାଇଥିଲା ।

ମୌଳିକ ପ୍ରଶ୍ନ ଥିଲା ଯେ, ନ୍ୟାୟାଧିକରଣ ସମାନ ସୁଯୋଗ ପ୍ରଦାନ କରିବାରେ ଯଥାର୍ଥ କି ? ବର୍ତ୍ତମାନର ଅପିଲକାରୀ ମତ ଦେଇଥିଲେ ଯେ, ଦାବିଦାର ଜଣେ ଗୃହରକ୍ଷୀ ଭାବରେ ନିୟୋଜିତ ଥିଲେ ଏବଂ ସେ ପୃଥକ ଭାବରେ ରହୁଥିଲେ । କିନ୍ତୁ ସେ ପ୍ରତିଦିନ 80/- ଟଙ୍କା ପାଉଛନ୍ତି ବୋଲି ଦାବିକୁ ଅସ୍ୱୀକାର କରିଥିଲେ । କୁହାଯାଇଥିଲା ଯେ, ସେ ବହୁତ କମ ପାଉଛନ୍ତି । ଅପିଲକାରୀଙ୍କ ଦାବି ଥିଲା ଯେ, ସେ କେବଳ ତାଙ୍କ ପୁଅର ରୋଜଗାର ଉପରେ ନିର୍ଭରଶୀଳ ଥିଲେ । ଉଚ୍ଚ ନ୍ୟାୟାଳୟଙ୍କ ମତ ଥିଲା ଯେ, ଦାବିଦାରଙ୍କ ବୟସ ପ୍ରାୟ 20 ବର୍ଷ, ତେଣୁ, ବର୍ତ୍ତମାନର ଅପିଲକାରୀଙ୍କୁ 50,000/- ଟଙ୍କା ଏବଂ ବାକି ଟଙ୍କା ଦାବିଦାର ବିଧବାଙ୍କୁ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।

6. ଆବେଦନକାରୀଙ୍କ ପକ୍ଷରୁ ବିଜ୍ଞ ଅଧିବକ୍ତା ଉପସ୍ଥାପନ କରିଥିଲେ ଯେ, ଉଚ୍ଚ ନ୍ୟାୟାଳୟଙ୍କ ଆଭିମୁଖ୍ୟ ସ୍ପଷ୍ଟ ଭାବରେ ଭୁଲ ଅଟେ ।

7. ଏହା ଦର୍ଶାଯାଇଛି ଯେ, ବୀମା କମ୍ପାନୀ ଦ୍ୱାରା ଜମା କରାଯାଇଥିବା ମୋଟ ପରିମାଣ 4,22,438/- ଟଙ୍କା ଅଟେ । ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଆଧାରରେ, ଅପିଲକାରୀ ଏବଂ ମୃତକଙ୍କ ବିଧବା ଉଭୟ ଏକ ଚତୁର୍ଥାଂଶ ଟଙ୍କା ଉଠାଇ ନେଇଛନ୍ତି । ବୀମାକାରୀ ଏକ ସତ୍ୟପାଠ ଦାଖଲ କରିଛନ୍ତି ଯାହା ଦର୍ଶାଉଛି ଯେ, ନ୍ୟାୟାଳୟଙ୍କ ଦ୍ୱାରା ନିଷ୍ପତ୍ତି ନିଆଯିବା ଉଚିତ ବଣ୍ଟନ ପ୍ରଶ୍ନରେ ତାଙ୍କର କୌଣସି ଭୂମିକା ନାହିଁ । ଯେକୌଣସି ପରିସ୍ଥିତିରେ, ପ୍ରଦାନ କରାଯାଇଥିବା ସୁଧ, ସାଧାରଣତଃ ପ୍ରଦାନ କରାଯାଇଥିବା ସୁଧ ଅପେକ୍ଷା ବହୁତ ଅଧିକ ଅଟେ ।

8. ଏମ୍.ଏ.ସି.ଟି ଏବଂ ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଦାବିଦାରଙ୍କ ପକ୍ଷ ଏପରି ମନେହୁଏ ଯେ, ବର୍ତ୍ତମାନର ଅପିଲକାରୀଙ୍କୁ ତାଙ୍କ ପୁଅ ଭରଣ-ପୋଷଣ କରୁଥିଲେ, କିନ୍ତୁ ତାଙ୍କର ନିର୍ଭର କରିବା ପାଇଁ କେହି ନାହାନ୍ତି ।

9. ଯଦିଓ ସୁଧ ହାର ସମ୍ପର୍କରେ ବୀମାକାରୀଙ୍କ ଆଳରେ କିଛି ସାର ଅଛି ବୋଲି ମନେହୁଏ, କିନ୍ତୁ ତାଙ୍କ ଦ୍ୱାରା କୌଣସି ଅପିଲ ନହେଲେ, ହାରରେ ହସ୍ତକ୍ଷେପ କରିବାର କୌଣସି ସୁଯୋଗ ନାହିଁ । ଯଦି କୌଣସି ଅପିଲ ହୋଇଥାନ୍ତା, ତେବେ ନିଶ୍ଚିତ ଭାବରେ ହସ୍ତକ୍ଷେପର ସୁଯୋଗ ରହିଥାନ୍ତା ।

10. ବର୍ତ୍ତମାନର ଅପିଲରେ ଏକମାତ୍ର ପ୍ରସଙ୍ଗ ହେଉଛି ବର୍ତ୍ତମାନର ଅପିଲକାରୀ ଅର୍ଥାତ ମୃତକଙ୍କ ମା' କେତେ ପରିମାଣର ହକଦାର ହେବେ । ମାମଲାର ବିଶିଷ୍ଟ ତଥ୍ୟ, ବିଧବା ଏବଂ ବର୍ତ୍ତମାନର ଅପିଲକାରୀଙ୍କ ବୟସକୁ ବିଚାର କରି, ଆମେ ଭାବୁଛୁ ଯେ, ଅପିଲକାରୀଙ୍କୁ 1,25,000/- ଟଙ୍କା (କେବଳ ଏକ ଲକ୍ଷ ପଚିଶ ହଜାର ଟଙ୍କା) ଏବଂ ବାକି ଟଙ୍କା ଦାବିଦାର-ପତ୍ନୀ ଅର୍ଥାତ ମୃତକଙ୍କ ବିଧବାଙ୍କୁ ପ୍ରଦାନ କରିବା ଉପଯୁକ୍ତ ହେବ ।

11. ଖର୍ଚ୍ଚ ସମ୍ପର୍କିତ କୌଣସି ନିର୍ଦ୍ଦେଶ ବିନା ଉପରୋକ୍ତ ପରିମାଣରେ ଅପିଲକୁ ଅନୁମତି ଦିଆଯାଇଛି ।

ବି.ବି.ବି — ଅପିଲକୁ ଆଂଶିକଭାବେ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା :**

**ଶ୍ରୀମତୀ ଲୋପାମୂଦ୍ରା ମହାନ୍ତି**

**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**